ପ୍ରେସ ନୋଟ

# ଜିଲ୍ଲା ସଂସ୍କୃତି ପରିଷଦର ବୈଠକ ଅନୁଷ୍ଠିତ ।

## ଅନୁଗୋଳ ଜିଲ୍ଲା ମହୋତ୍ସବ ଏପ୍ରିଲ ୮,୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବ ।

ଅନୁଗୋଳ,ତା.୧୬.୦୩:- ବିଗତ ଦୁଇ ବର୍ଷ ଧରି କରୋନା ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲ୍ଲା ମହୋତ୍ସବ ଆୟୋଜନ ହୋଇପାରିନଥିଲା । ଚଳିତ ମାସ ୧୧ ତାରିଖରେ ଅନୁଷ୍ଠିତ ମହୋତ୍ସବ ଆୟୋଜନର ପ୍ରସ୍ତୁତି ବୈଠକରେ ମହୋତ୍ସବ ଦିନ ଧାର୍ଯ୍ୟକୁ ଛାଡି ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ଉପରେ ବିଶଦ ଭାବରେ ଆଲୋଚନା ହୋଇଥିଲା । ଆଜି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମହୋତ୍ସବ ଦିନ ଧାର୍ଯ୍ୟ ନିମନ୍ତେ ଏକ ବୈଠକ ଡକାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରଜନୀକାନ୍ତ ସ୍ୱାଇଁ , ଡେପୁଟୀ କଲେକ୍ଟର ଶ୍ରୀ ବଇଡ଼ୁରା ଦିପ୍, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସୁଧାଂଶୁ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାପାଳ ଜିଲ୍ଲାର କଳା ,ସଂସ୍କୃତି ଓ ଐତିହକୁ ଉଦଯିବିତ କରିବା ସହ ଲୋକମାନଂକ ମନୋରଂଜନ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତିଷ୍ଠିତ କଳାକାରମାନଂକୁ ଆମନ୍ତ୍ରଣ କରାଯିବ ବୋଲି ପ୍ରକାଶ କରିଥିଲେ । ପ୍ରଥମ ୨ ଦିନ ରାଜ୍ୟ ବାହାର କଳାକାର ଓ ଶେଷ ଦିନ ରାଜ୍ୟର କଳାକାରମାନଂକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପୂର୍ବ ବୈଠକର ନିଷ୍ପତ୍ତି ଅନୁଯାୟୀ ୪ଟି ସ୍ଥାନରୁ ମଶାଲ ଶୋଭାଯାତ୍ରା ବାହାରିବ । ମଶାଲ ଶୋଭାଯାତ୍ରାର ଦିନ ଧାର୍ଯ୍ୟ ନିମନ୍ତେ ପରବର୍ତ୍ତୀ ବୈଠକରେ ଜଣାଇଦିଆଯିବ । ଅନୁଗୋଳ ଗୌରବ ସମ୍ମାନ ପ୍ରଦାନ ନିମନ୍ତେ ଯୋଗ୍ୟ ବ୍ୟକ୍ତି ବାଛିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା । ଜିଲ୍ଲାର କଳା, ସଂସ୍କୃତି , ଐତିହ ଓ ବିଭିନ୍ନ ସରକାରୀ ଯୋଜନାର ସଫଳ କାହାଣୀକୁ ନେଇ ଏକ ସ୍ମରଣୀକା ଉନ୍ମୋଚନ କରାଯିବ । ଏଥିପାଇଁ ଲେଖା ଚଳିତ ମାସ ୨୫ ତାରିଖ ସୁଦ୍ଧା ଜିଲ୍ଲା ସଂସ୍କୃତି ଅଧିକାରୀଂକ ନିକଟକୁ ପଠାଇବାକୁ ନିଷ୍ପତ୍ତି ନିଆଗଲା । ବ୍ଲକ୍ ସ୍ତରରେ ହେଉଥିବା




ANGUL

ମହୋତ୍ସବରେ ଗୋଟିଏ ଶ୍ରେଷ୍ଠ ଦଳକୁ ଚୟନ କରାଯାଇ ଜିଲ୍ଲା ମହୋତ୍ସବରେ ଅଂଶଗ୍ରହଣ ନିମନ୍ତେ ପଠାଯିବାକୁ ନିଷ୍ପତ୍ତି ନିଆଗଲା । ଏଥିପାଇଁ ଏହି ଦଳର ତାଲିକା ଏପ୍ରିଲ ୧ ତାରିଖ ସୁଦ୍ଧା ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟକୁ ପଠାଇବାକୁ ସ୍ଥିର କରାଗଲା । ଜିଲ୍ଲାରେ ୯ମ ଜିଲ୍ଲା ମହୋତ୍ସବକୁ ସରସ ସୁନ୍ଦର ଓ ଆକର୍ଷଣୀୟ ଭାବେ ପାଳନ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମରେ ସମସ୍ତଙ୍କର ସହଯୋଗ ଜିଲ୍ଲାପାଳ କାମନା କରିଥିଲେ । ମହୋତ୍ସବର ସୁପରିଚାଳନା ନିମନ୍ତେ ବିଭିନ୍ନ ଉପ କମିଟିମାନ ଗଠନ କରାଯାଇ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯିବ । ପରେ ପରେ ଜିଲ୍ଲା ସ୍ତରୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ଖବରଦାତା ସମ୍ମିଳନୀ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏପ୍ରିଲ ୧ ତାରିଖ ଓଡିଶା ଦିବସ ଅବସରରେ ଏକ ରାହାଗିରି ଅନୁଗୋଳରେ ଆୟୋଜନ କରିବା ନିମନ୍ତେ ଗଣମାଧ୍ୟମ ପ୍ରତିନିଧିମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମହୋତ୍ସବ ଆୟୋଜନ ବୈଠକରେ ଜିଲ୍ଲା ସଂସ୍କୃତି ପରିଷଦର ସମସ୍ତ ସଦସ୍ୟ ସଦସ୍ୟା , ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି ଓ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା ୨୦୭ ତା. ୧୬.୦୩. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

16/3/2022

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଅନୁଗୋଳ